Angul

ଓଡ଼ିଶା ସରକାର

Pradan

ଅନୁଗୋଳ ଜିଲ୍ଲା ଖଣିଜ ପ୍ରତିଷ୍ଠାନ ସହାୟତାରେ

ଅନୁଗୋଳ ଜିଲ୍ଲାରେ କୃଷି ଉତ୍ପାଦନ କ୍ଲଷ୍ଟର ପ୍ରକଳ୍ପ

(ଏ.ପି.ସି) ର ସ୍ୱତନ୍ତ୍ର କାର୍ଯ୍ୟକ୍ରମ

ଚାଷବାସ

ସମ୍ବନ୍ଧୀୟ ପୁସ୍ତିକା

ସୌଜନ୍ୟ-ଉଦ୍ୟାନ କୃଷି ଉପନିର୍ଦ୍ଦେଶକ, ଅନୁଗୋଳ

ଉଦ୍ୟାନ ବିଭାଗ, ଅନୁଗୋଳ



ଉପକ୍ରମ

ନିମ୍ନଲିଖିତ ନିର୍ଦ୍ଦେଶାବଳୀ ଟି ଅନୁଗୋଳ ଜିଲ୍ଲାର ସାମୁହିକ କୃଷି ଉତ୍ପାଦନ ପ୍ରକଳ୍ପ ଅନ୍ତର୍ଗତ କ୍ଷୁଦ୍ର ଓ ନାମମାତ୍ର ଚାଷୀ ମାନଙ୍କ ପାଇଁ ମୁଖ୍ୟତଃ ପନିପରିବା ଓ ଡାଲି ଜାତୀୟ ଫସଲ ର ପ୍ରଚଳିତ ଚାଷ ପ୍ରଣାଳୀ, ବଜାର ଉପଯୁକ୍ତତା, ଜୈବିକ ପଦ୍ଧତି ଏବଂ କମ୍ ଖର୍ଚ୍ଚ ରେ ଚାଷ ତଥା ଭଲ ଅମଳ କୁ ଦୃଷ୍ଟିରେ ରଖି ପ୍ରସ୍ତୁତ କରାଯାଇଛି । କମ ଟଙ୍କା ଖର୍ଚ୍ଚରେ ଭଲ ଚାଷକରି ଚାଷୀ କିପରି ଲାଭବାନ୍ ହେଉ, ଏଥିପାଇଁ ଏହା ଆମର ଏକ ଛୋଟ ପ୍ରୟାସ । ଏହି ନିର୍ଦ୍ଦେଶାବଳୀରେ ଲେଖା ଯାଇଥିବା ଔଷଧର ନାମ, ଆମ ଅଞ୍ଚଳର ଚାଷୀ ମାନଙ୍କର ଅନୁଭବ ଓ ସେଥିରୁ ମିଳିଥିବା ସୁଫଳତା କୁ ନେଇ ଲେଖାହେଇଛି । ଆବଶ୍ୟକ ସ୍ଥଳେ ବଜାରରେ ଉପଲବ୍ଧ ସମାନ ପ୍ରକାରର ଔଷଧ ମଧ୍ୟ ବ୍ୟବହାର କରାଯାଇପାରିବ । ଅନୁମୋଦିତ ଔଷଧ ପ୍ରୟୋଗ କରିବା ସମୟରେ କିଛି ଅସୁବିଧା ହେଲେ କିମ୍ବା ପ୍ରୟୋଗ ପ୍ରଣାଳୀ ସମ୍ବନ୍ଧୀୟ ସହାୟତା ନିମନ୍ତେ ଆପଣଙ୍କ ଅଞ୍ଚଳରେ କାର୍ଯ୍ୟରତ ସହଯୋଗୀ ଅନୁଷ୍ଠାନର ଅଧିକାରୀଙ୍କ ସହ ଯୋଗାଯୋଗ କରିପାରିବେ । ଆବଶ୍ୟକ ପଡିଲେ କୃଷି ବିଜ୍ଞାନ କେନ୍ଦ୍ର - ଅନୁଗୋଳ କିମ୍ବା ସରକାରୀ ଉଦ୍ୟାନ କୃଷି ବିଭାଗର ଅଧିକାରୀ ଙ୍କ ସହ ଯୋଗାଯୋଗ କରିପାରିବେ ।



ବାଇଗଣ

ବିହନ - **ଜେକେ ୮୦୩୧, ତାରିଣୀ (ସେମିନିସ୍), ସର୍ଣ୍ଣ ଶ୍ୟାମଳୀ**

ବିହନ ପରିମାଣ - ଏକର ପିଛା ୨୦୦ଗ୍ରାମ

ଲଗାଇବ ସମୟ - ଜୁନ, ଅକ୍ଟୋବର-ନଭେମ୍ବର, ଫେବୃୟାରୀ

ତଳିଘରା ପ୍ରସ୍ତୁତି - ଖତ ମିଶା ମାଟିକୁ ଭଲଭାବେ ଗୁଣ୍ଡ କରି ଭୁଇଁ ରୁ ୬ଇଞ୍ଚ(୧୫ ସେ.ମି) ଉଚ୍ଚତା ବିଶିଷ୍ଟ ଏକ ତଳିପଟି ପ୍ରସ୍ତୁତ କରି ତାକୁ ସମାନ୍ତର କରି ୨ ଅଙ୍ଗୁଳି ବ୍ୟବଧାନ ରେ ଲମ୍ବା ଲମ୍ବା ଧାଡ଼ି ପ୍ରସ୍ତୁତି କରନ୍ତୁ । ତାପରେ ମଞ୍ଜି କୁ ମଞ୍ଜି ଏକ ଅଙ୍ଗୁଳି ବ୍ୟବଧାନ ରେ ଗୋଟି ଗୋଟି କରି ଧାଡ଼ିରେ ପକାନ୍ତୁ । **ମଞ୍ଜି ପକେଇବା ପରେ ଧାଡ଼ି ଗୁଡିକୁ ଶୁଖିଲା ଗୁଣ୍ଡ ମାଟିରେ ଘୋଡେଇ କୁଟା ଦ୍ୱାରା ଢାଙ୍କି ଦିଅନ୍ତୁ ଏବଂ ୩ ଦିନ ପରେ କୁଟା ଗୁଡିକୁ କାଢି ଦିଅନ୍ତୁ ।**

ମୁଖ୍ୟ ଜମି ପ୍ରସ୍ତୁତି - ପ୍ରତି ୪-୫ଦିନ ବ୍ୟବଧାନରେ **୨-୩ଥର ହଳ କରି ଗୁଣ୍ଡଚାଷ** କରନ୍ତୁ ।

ଦୂରତା - ଗଛ କୁ ଗଛ ୩ ଫୁଟ ଏବଂ ଧାଡ଼ି କୁ ଧାଡ଼ି ୩ ଫୁଟ

ଜଳ ପରିଚାଳନା - ଜମିର ବତର ଦେଖିକି ପ୍ରତି ୮ ରୁ ୧୦ ଦିନରେ ଥରେ ଜଳସେଚନ କରନ୍ତୁ (ଶୀତ ଓ ଖରା ମାସରେ)

ଖତ ସାର ପରିଚାଳନା - ଚାରା ଲଗାଇବାବେଳେ ଏକର ପିଛା ୧୦ କି.ଗ୍ରା. ଯବକ୍ଷାର (ୟୁରିଆ), ୩୦ କି.ଗ୍ରା. ଫସଫରସ (ଡି.ଏ.ପି) ଓ ୧୦ କି.ଗ୍ରା. ପଟାସ (ଏମ୍.ଓ.ପି) ଦରକାର । ଏହାର ୨୦ ଏବଂ ୪୦ ଦିନ ପରେ ପ୍ରତିଥର ୨୦ କି.ଗ୍ରା. ଯବକ୍ଷାର (ୟୁରିଆ) ଦେବା ଆବଶ୍ୟକ ।

ଅଣୁସାର ଓ ଭିଟାମିନ୍ ପରିଚାଳନା - **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର୍ ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ ।**

ରୋଗ ପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
କାଣ୍ଡବିନ୍ଧା ଓ ଫଳବିନ୍ଧା	**ଏଭିସେଣ୍ଟ୍**	**୧୫ ଲିଟର ପାଣିରେ ୩ ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଆଗ୍ନେୟାସ୍ତ୍ର	୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ଝାଉଁଳା	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ
	ମଠାସ୍ତ୍ର	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
ମୂଳ ସଢା	ରିଡୋମିଲ ଗୋଲଡ	ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ ।

ଅମଳ - ରୁଆର ୪୫-୬୦ ଦିନ ପରେ ପ୍ରତି ସପ୍ତାହକୁ ୨-୩ ଥର ତୋଳା ।

ଉତ୍ପାଦନ - ଏକର ପିଛା ୮୦ ରୁ ୯୦ କ୍ୱିଣ୍ଟାଲ ।

ଟମାଟୋ



ବିହନ – **ଲକ୍ଷ୍ମୀ** (ନନ୍ ହେମ୍ବ), ଅଭିଲାଷ (ସେମିନିସ୍),ଅର୍କ ରକ୍ଷକ, ଅର୍କ ସମ୍ରାଟ, ସ୍ୱର୍ଣ୍ଣ ସମ୍ପଦ

ବିହନ ପରିମାଣ – ଏକର ପିଛା ୧୦୦ ଗ୍ରାମ

ଲଗାଇବା ସମୟ – ଅଗଷ୍ଟ – ସେପ୍ଟେମ୍ବର, ଜାନୁଆରୀ – ଫେବୃୟାରୀ

ତଳିଘରା ପ୍ରସ୍ତୁତି – ମାଟିକୁ ଭଲ ଭାବରେ ଗୁଣ୍ଡ କରି ସେଥିରେ ଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୬ଫୁଟ ଚଉଡା ଏବଂ ୧୦ରୁ ୧୨ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ। ୧ ଇଞ୍ଚ ବ୍ୟବଧାନରେ ଧାଡି କାଟି ୦.୫ଇଞ୍ଚ ବ୍ୟବଧାନରେ ମଞ୍ଜି ପକାନ୍ତୁ।

ମୁଖ୍ୟ ଜମି ପ୍ରସ୍ତୁତି – ପ୍ରତି ୪-୫ଦିନ ବ୍ୟବଧାନରେ **୨-୩ଥର ହଳ କରି ଗୁଣ୍ଡଚାଷ** କରନ୍ତୁ।

ଦୂରତା – **ଧାଡି କୁ ଧାଡି ଏବଂ ଗଛକୁ ଗଛ ୨-୨.୫ ଫୁଟ**

ଜଳ ପରିଚାଳନା – ଜମିର ବତର ଦେଖିକି ଏବଂ ଗଛର ଅବସ୍ଥା ଦେଖି ସପ୍ତାହକୁ ୨ ଥର (ଶୀତ ଓ ଖରା ମାସରେ)

ଖତ ସାର ପରିଚାଳନା – **ରୁଆ ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି) ଓ ୮ କି.ଗ୍ରା ପଟାସ (ଏମ୍.ଓ.ପି)** ପ୍ରୟୋଗ କରାଯାଏ। ଏହାର ୧୫ ଏବଂ ୩୦ ଦିନ ପରେ ପ୍ରତିଥର ୨୦ କି.ଗ୍ରା ଯବକ୍ଷାର (ୟୁରିଆ) ପ୍ରୟୋଗ କରନ୍ତୁ।

ଅଣୁସାର ଓ ଭିଟାମିନ୍ ପରିଚାଳନା – **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ। ଅଭାବ ଜନିତ ଲକ୍ଷଣ ଦେଖାଗଲେ (ଫଳର ରଙ୍ଗ ଫିକା ପଡିଯିବା, ଫଳ ର ଆକାର ବିକୃତ ହେଲେ) ଏକର୍ ପିଛା ୩ କି.ଗ୍ରା କ୍ୟାଲ୍ସିଅମ୍ ନାଇଟ୍ରେଟ୍ ପାଣିରେ ମିଶେଇ ସ୍ପ୍ରେ କରନ୍ତୁ। ଫଳ ଫାଟିଲେ ୨୦% ଇଫ୍‌କୋ ବୋରନ୍‌କୁ ୧ଲିଟର ପାଣିରେ ୧ ଗ୍ରାମ ମାତ୍ରାରେ ମିଶେଇ ସ୍ପ୍ରେ କରନ୍ତୁ।**

ରୋଗପୋକ ଓ ତାର ପ୍ରତିକାର –

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
କାଣ୍ଡବିନ୍ଧା ଓ ଫଳବିନ୍ଧା	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
	ଆଗ୍ନେୟାସ୍ତ୍ର	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
ଧଳାମାଛି	ଏକତାରା	**୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
ଝାଉଁଳା	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ
	ମଠାସ୍ତ୍ର	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
ମୂଳ ସଢା	ରିଡୋମିଲ ଗୋଲଡ	ଏକର ପିଛା ୪୦୦ ଗ୍ରାମ୍ ନର୍ସରୀରେ ସ୍ପ୍ରେ କରନ୍ତୁ।

ଅମଳ – ରୁଆର ୫୦-୬୦ ଦିନ ଭିତରେ ଫଳ ଆସିଥାଏ, ସପ୍ତାହକୁ ୨ଥର ତୋଳା,

ଫଳ ପାଚି ଆସିବା ଆଗରୁ ହାଲକା ଲାଲ ରଙ୍ଗ ଅବସ୍ଥାରେ ତୋଳିଲେ ଅଧିକ ଦିନ ପର୍ଯ୍ୟନ୍ତ ବଜାରରେ ରହିପାରିବ।

ଉତ୍ପାଦନ – ଏକରପିଛା ୧୦୦-୧୨୦ କ୍ୱିଣ୍ଟାଲ।

ଲଙ୍କା



ବିହନ – ଦେବସେନା (ସିଂଜେଣ୍ଟା), **ଭି.ଏନ.ଆର ୧୪୫, ଅର୍କ ହରିତା, ଅର୍କ ମେଘନା**

ପରିମାଣ – ଏକର ପିଛା ୨୦୦ ଗ୍ରାମ

ସମୟ – ଜୁନ୍ – ସେପ୍ଟେମ୍ବର

ତଳିଘରା ପ୍ରସ୍ତୁତି – ମାଟିକୁ ଭଲ ଭାବରେ ଗୁଣ୍ଡ କରି ସେଥିରେ ଖତ ମିଶାଇ ୫ ଇଞ୍ଚ ଉଚ୍ଚତା ବିଶିଷ୍ଟ ୬ ଫୁଟ ଚଉଡା ଏବଂ ୧୦ ଫୁଟ ଲମ୍ବା ପଟି ପ୍ରସ୍ତୁତ କରନ୍ତୁ । ୧ ଇଞ୍ଚ ବ୍ୟବଧାନରେ ଧାଡି କାଟି ୦.୫ ଇଞ୍ଚ ବ୍ୟବଧାନରେ ମଞ୍ଜି ପକାନ୍ତୁ ।

ମୁଖ୍ୟ ଜମି ପ୍ରସ୍ତୁତି – ୪-୫ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ ।

ଦୂରତା – **ଗଛ କୁ ଗଛ ୩୦ ସେ.ମି ଏବଂ ଧାଡି କୁ ଧାଡି ୫୦ ସେ.ମି**

ଜଳ ପରିଚାଳନା – ଜମିର ବତର ଦେଖିକି ପ୍ରତି ୧୦ ରୁ ୧୨ ଦିନ ଅନନ୍ତରରେ ପାଣିଦେବା ଉଚିତ (ଶୀତ ଓ ଖରା ମାସରେ) ।

ଖତ ସାର ପରିଚାଳନା – ଲଙ୍କାମରିଚ ଫସଲ ପାଇଁ ଏକ **ଏକରକୁ ପ୍ରାୟ ୮ ଟନ୍** ଗୋବର ଖତ ଦେବା ଉଚିତ୍ ।

ରୋପଣ ର କିଛି ଦିନ ପରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି), ୮ କି.ଗ୍ରା ପଟାସ (ଏମ୍.ଓ.ପି) କୁ ଗଛ ଠାରୁ ୬ ଇଞ୍ଚ ଦୂରରେ ପ୍ରୟୋଗ କରନ୍ତୁ । ଏହାର ୧୫ ଓ ୩୦ ଦିନ ପରେ ଏକର ପିଛା ୨୦ କି.ଗ୍ରା. ଯବକ୍ଷାର ଓ ୧୬ କି.ଗ୍ରା ପଟାସ ଦେବା ଆବଶ୍ୟକ ।

ଅଣୁସାର ଓ ଭିଟାମିନ୍ ପରିଚାଳନା – ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର୍ ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶାଇ ପ୍ରୟୋଗ କରନ୍ତୁ ।

ରୋଗପୋକ ଓ ତାର ପ୍ରତିକାର –

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ଶୋଷକ କୀଟ	**ହାଣ୍ଡିଖତ**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏକତାରା	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ	**ଆଗ୍ନେୟାସ୍ତ୍ର**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରଦାଗ, ପତ୍ରପୋଡା	**ମହୁଲାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ସଡା, ପୋଚା, ବୀଜାଣୁ ଜନିତ ଝାଉଁଳା	**ମଠାସ୍ତ୍ର**	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ

ଅମଳ – ମଞ୍ଜି ଲଗାଇବାର ୯୦ ରୁ ୧୦୦ ଦିନ ପରେ କଞ୍ଚାଲଙ୍କା ଅମଳ ହୋଇଥାଏ ଏବଂ ୧୨୫ ରୁ ୧୪୫ ଦିନ ମଧ୍ୟରେ ପାଚିଲା ଲଙ୍କା ଅମଳ କରାଯାଏ ।

ଉତ୍ପାଦନ – କଞ୍ଚାଲଙ୍କାର ଏକର ପ୍ରତି ୨୦ ରୁ ୨୨ କ୍ୱିଣ୍ଟାଲ ଓ ଶୁଖିଲା ଲଙ୍କା ୮ ରୁ ୯ କ୍ୱିଣ୍ଟାଲ ଅମଳ ମିଳିଥାଏ ।

କ୍ୟାପ୍ସିକମ



ବିହନ - ଇନ୍ଦ୍ରା (ସିଜେଣ୍ଟା), କେ.ଏସ.ପି-୧୦୭୦

ବିହନ ପରିମାଣ - ଏକର ପିଛା ୧୦୦ଗ୍ରାମ

ଲଗାଇବା ସମୟ - ସେପ୍ଟେମ୍ବର - ଅକ୍ଟୋବର

ତଳିଘରା ପ୍ରସ୍ତୁତି - ଖତ ମିଶା ମାଟିକୁ ଭଲଭାବେ ଗୁଣ୍ଡ କରି ଭୂଇଁ ରୁ ୬ଇଞ୍ଚ(୧୫ ସେ.ମି) ଉଚ୍ଚତା ବିଶିଷ୍ଟ ଏକ ତଳିପଟି ପ୍ରସ୍ତୁତ କରି ତାକୁ ସମାନ୍ତର କରି ୨ ଅଙ୍ଗୁଳି ବ୍ୟବଧାନ ରେ ଲମ୍ବା ଲମ୍ବା ଧାଡ଼ି ପ୍ରସ୍ତୁତି କରନ୍ତୁ। ତାପରେ ମଞ୍ଜି କୁ ମଞ୍ଜି ଏକ ଅଙ୍ଗୁଳି ବ୍ୟବଧାନ ରେ ଗୋଟି ଗୋଟି କରି ଧାଡ଼ିରେ ପକାନ୍ତୁ। **ମଞ୍ଜି ପକେଇବା ପରେ ଧାଡ଼ି ଗୁଡିକୁ ଶୁଖିଲା ଗୁଣ୍ଡ ମାଟିରେ ଘୋଡେଇ କୁଟା ଦ୍ୱାରା ଢାଙ୍କି ଦିଅନ୍ତୁ ଏବଂ ୩ ଦିନ ପରେ କୁଟା ଗୁଡିକୁ କାଢି ଦିଅନ୍ତୁ।**

ଜମି ପ୍ରସ୍ତୁତି - ଚାରା ରୋପଣ ପୂର୍ବରୁ ୨-୩ ଥର ହଳ କରି ଭଲଭାବେ ମାଟିକୁ ଗୁଣ୍ଡ କରି ଉପରୋକ୍ତ ଦୂରତା ରେ **ଗାତ ଖୋଳି ସେଥିରେ ୧କି.ଗ୍ରା ଗୋବର ଖତ ପକାନ୍ତୁ।**

ଦୂରତା - **ଗଛ କୁ ଗଛ ୨ଫୁଟ (୬୦-୬୫ ସେ.ମି), ଧାଡ଼ି କୁ ଧାଡ଼ି ୨.୫ ଫୁଟ (୭୫-୮୦ ସେ.ମି)**

ଜଳ ପରିଚାଳନା - ଜମିର ବତର ଦେଖିକି ପ୍ରତି ୧୦ ରୁ ୧୨ ଦିନ ଅନନ୍ତରରେ ପାଣିଦେବା ଉଚିତ।

ଖତ ସାର ପରିଚାଳନା - **ରୋପଣ ର କିଛି ଦିନ ପରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି), ୮ କି.ଗ୍ରା ପଟାସ (ଏମ୍.ଓ.ପି) କୁ ଗଛ ଠାରୁ ୬ ଇଞ୍ଚ ଦୂରରେ ପ୍ରୟୋଗ କରନ୍ତୁ । ଏହାର ୧୫ ଓ ୩୦ ଦିନ ପରେ ଏକର ପିଛା ୨୦ କି.ଗ୍ରା. ଯବକ୍ଷାର ଓ ୧୬ କି.ଗ୍ରା ପଟାସ ଦେବା ଆବଶ୍ୟକ।**

ଅଣୁସାର ଓ ଭିଟାମିନ୍ ପରିଚାଳନା - **ଫୁଲ ସଂଖ୍ୟା ବୃଦ୍ଧିପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ ଏବଂ ଫଳର ଆକାର ତଥା ଓଜନ ବୃଦ୍ଧି ପାଇଁ ଇସାବିୟାନ୍ ୩୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ।**

ରୋଗପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ଶୋଷକ କୀଟ	**ହାଣ୍ଡିଖତ**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏକତାରା	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ	**ଆଗ୍ନେୟାସ୍ତ୍ର**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରଦାଗ, ପତ୍ରପୋଡା	**ମହୁଲାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ସଢା, ପୋଚା, ବୀଜାଣୁ ଜନିତ ଝାଉଁଳା	**ମଠାସ୍ତ୍ର**	**୧୫ ଲିଟର ପାଣିରେ ୫୦୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ପ୍ରୋପିକୋନାଜୋଲ ଓ ପ୍ଲାନ୍ଟୋମାଇସିନ	ଏକର ପିଛା ୧୨୦ ଗ୍ରାମ ପ୍ଲାନ୍ଟୋମାଇସିନକୁ ୨୦୦ ମି.ଲି ପ୍ରୋପିକୋନାଜୋଲ ମିଶାଇ ସ୍ପ୍ରେ କରନ୍ତୁ

ଅମଳ - ରୋପଣ ର ୫୦-୫୫ ଦିନ ପରେ ଫଳ ଆସିବା ଆରମ୍ଭ ହେଇଯାଏ, ପ୍ରତି ୭-୮ ଦିନ ବ୍ୟବଧାନ ରେ ମଧ୍ୟମ **ଆକାରର ଟାଣ ଏବଂ କଞ୍ଚାଫଳ କୁ ତୋଳି କାଗଜ କିମ୍ବା କାଠ ପେଟି ତଥା ପ୍ଲାଷ୍ଟିକ୍ ଝୁଡିରେ ରଖି ବିକ୍ରି କରନ୍ତୁ ।**

ଉତ୍ପାଦନ - ଏକର ପିଛା ୨୦ ଟନ୍।

ଭେଣ୍ଡି



ବିହନ – ରାଧିକା (ଆଡ୍‌ଭାଣ୍ଟା), ବିନ୍ଦୁ (ନୁଜିଭିଡୁ)

ବିହନ ପରିମାଣ – ଏକର ପିଛା ୧ ରୁ ୧.୫ କେଜି

ଲଗାଇବା ସମୟ – ଜୁନ୍ ଏବଂ ଡିସେମ୍ବର

ଜମି ପ୍ରସ୍ତୁତି – ଜମିକୁ ୪-୫ ଥର ହଳ କରନ୍ତୁ ଏବଂ ୩୦ ରୁ ୪୦ କ୍ୱିଣ୍ଟାଲ ଗୋବର ଖତ ପକାନ୍ତୁ।

ଦୂରତା – ଗଛ କୁ ଗଛ ଏବଂ ଧାଡି କୁ ଧାଡି ଦୂରତା ୨ ଫୁଟ X ୧.୫ ଫୁଟ।

ଜଳ ପରିଚାଳନା – ଜମିର ବତର ଦେଖିକି ପ୍ରତି ସପ୍ତାହକୁ ଥରେ ଜମିରେ ପାଣି ଦିଅନ୍ତୁ।

ଖତ ସାର ପରିଚାଳନା – ଲାଗିଲାବେଳେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ୧୨ କି.ଗ୍ରା ପଟାସ୍ (ଏମ୍.ଓ.ପି) ଦରକାର।

ରୋଗପୋକ ଓ ତାର ପ୍ରତିକାର – ଫଳବିନ୍ଧା ପୋକ : ୨୫ ଗ୍ରାମ ଥିଓଡିକାର୍ବ ୧୫ ଲିଟର ପାଣିରେ, ଧଳା ମାଛି ଏବଂ ଜଉପୋକ କୁ ନିୟନ୍ତ୍ରଣ କରିବା ପାଇଁ ୨୫ ମି.ଲି. ଡିମଥୋଏଟ୍ କୁ ୧୫ ଲିଟର ପାଣିରେ ମିଶାଇ ସ୍ପ୍ରେ କରନ୍ତୁ। ପାଉଁଶିଆ ରୋଗ ପାଇଁ କାର୍ବେଣ୍ଡାଜିମ୍ ୧ଗ୍ରାମ/ଲିଟର ପାଣିରେ ସ୍ପ୍ରେ କରନ୍ତୁ।

ଅମଳ – ଲଗାଇବାର ୪୫-୫୦ ଦିନପରେ, ପ୍ରତି ୧-୨ ଦିନ ବ୍ୟବଧାନ।

ଉତ୍ପାଦନ – ଏକର ପିଛା ୪୫-୫୦ କ୍ୱିଣ୍ଟାଲ।

ଗାଜର



ବିହନ – କେ.ଏସ୍.ପି ୧୨୨୫ (କଳସ)

ବିହନ ପରିମାଣ – ୨ କି.ଗ୍ରା ପ୍ରତି ଏକର

ଲଗାଇବା ସମୟ – ଅକ୍ଟୋବର ଶେଷ

ଜମି ପ୍ରସ୍ତୁତି – ପ୍ରତି ୭-୮ ଦିନ ବ୍ୟବଧାନ ରେ ୫-୬ ଥର ଗଭୀର ଚାଷ,
ଦ୍ୱିତୀୟ ଚାଷ ସମୟରେ ମାଟିରେ ଗୋବର ଖତ ମିଶାନ୍ତୁ।

ଦୂରତା – ଧାଡ଼ି କି ଧାଡ଼ି ୧୫ ସେ.ମି

ବୁଣା – ବାଲି ସହିତ ମଞ୍ଜି କୁ ଗୋଳାଇ ଧାଡ଼ି ରେ ପକେଇ ଚାଲନ୍ତୁ।

ଜଳ ପରିଚାଳନା – ବୁଣା ସମୟରେ ମାଟି କୁ ଓଦା କଲା ପରି ଛିଞ୍ଚି ପକାନ୍ତୁ, ବୁଣା ର ୩-୪ ଦିନ ପରେ, ତା ପରେ ପ୍ରତି ୨ ସପ୍ତାହ କୁ ଥରେ ପାଣି ମଡାନ୍ତୁ।

ଖତ ସାର ପରିଚାଳନା – ବୁଣିବା ବେଳେ ଏକର ପିଛା ୧୦ କି.ଗ୍ରା. ଯବକ୍ଷାର (ୟୁରିଆ), ୨୦ କି.ଗ୍ରା. ଫସଫରସ (ଡି.ଏ.ପି) ଓ ୩୦ କି.ଗ୍ରା. ପଟାସ୍ (ଏମ୍.ଓ.ପି) ଦରକାର।

ଅମଳ – ବୁଣା ର ଅଢେଇ ରୁ ତିନି ମାସ ପରେ ଶାବଳ ସାହାର୍ଯ୍ୟରେ ମାଟି ଖୋଳି ଗାଜର କାଢନ୍ତୁ, ଏକର ପିଛା ୪୫ କ୍ୱିଣ୍ଟାଲ। ବିକ୍ରି କରିବା ଆଗରୁ ଗାଜର ଗୁଡିକୁ ଭଲ ଭାବରେ ଧୋଇ ଛାଇରେ ଶୁଖାଇ ରଖି ପ୍ୟାକିଙ୍ଗ କରି ବିକ୍ରି କରିବା ଉଚିତ୍।

ଫୁଲ କୋବି



ବିହନ – ବର୍ଷା ଦିନିଆ – ଡନ (ସେମିନିସ୍), ୪୦୫୧ (ସେମିନିସ୍), ଲକୀ (ସିଂଜେଣ୍ଟା)
ଶୀତ ଦିନିଆ – **ହୁଆଇଟ୍ ମାରବଲ୍** (ସକାଟା), **ମେଘା** (ସେମିନିସ୍)
ଖରା ଦିନିଆ – ଦାମିନୀ (ହାଇଭେଜ୍)

ବିହନ ପରିମାଣ – ଏକର ପିଛା ୧୫୦ ଗ୍ରାମ

ଲଗାଇବା ସମୟ – ଜୁନ, ଅଗଷ୍ଟ, ଅକ୍ଟୋବର

ତଳିଘରା ପ୍ରସ୍ତୁତି – ୬ ଇଞ୍ଚ ଉଚ୍ଚତା, ୩ଫୁଟ ଚଉଡା ଏବଂ ୭ ଫୁଟ ଲମ୍ବା ବିଶିଷ୍ଟ ପଟି ପ୍ରସ୍ତୁତ କରନ୍ତୁ । ଗୋଟେ ଆଙ୍ଗୁଳି ବ୍ୟବଧାନରେ ଧାଡି କାଟି ମଞ୍ଜି ପକାନ୍ତୁ ଏବଂ ତାପରେ ଗୁଣ୍ଡ ନଡା/ପାଳ କୁ ପଟି ରେ ସମାନ ଭାବେ ବିଛେଇ ଦିଅନ୍ତୁ

ଜମି ପ୍ରସ୍ତୁତି – ୬-୭ଥର ହଳ, ପ୍ରତି ୪-୫ ଦିନ ବ୍ୟବଧାନ ରେ ୨ୟ, ୩ୟ ହଳ ସମୟରେ ପଟାସ ପ୍ରୟୋଗ କରନ୍ତୁ । ଶେଷ ହଳ ପୂର୍ବରୁ **ଏକର ପିଛା ୩ ଟ୍ରିପ୍ ଗୋବର ଖତ** ମାଟିରେ ପକାନ୍ତୁ ।

ଦୂରତା – ଗଛ କୁ ଗଛ ୧୮ ଇଞ୍ଚ, ଧାଡ଼ି କୁ ଧାଡ଼ି ୧୮ ଇଞ୍ଚ

ଜଳ ପରିଚାଳନା – ରୁଆ ର ୩ ଦିନ ଯାଏଁ ଦିନ କୁ ୨ଥର ଓ ରୁଆ ର ୭ ଦିନ ପରଠୁ ଦିନକୁ ଠାରେ ଜଳସେଚନ କରନ୍ତୁ

ଖତ ସାର ପରିଚାଳନା – **ଯବକ୍ଷାର (ୟୁରିଆ) ରୁଆର ୬-୮ ଦିନ ପରେ ଏକର ପିଛା ୧୦ କିଗ୍ରା ଏବଂ ୧୫ ଦିନ ପରେ ଏକର ପିଛା ୬୦-୭୦ କି.ଗ୍ରା । ପଟାସ (ଏମ୍.ଓ.ପି) ରୁଆ ର ୭-୮ ଦିନ ପରେ ଏକର ପିଛା ୩ କି.ଗ୍ରା, ରୁଆ ର ୧୫ ଦିନ ପରେ ଏକର ପିଛା ୩ କି.ଗ୍ରା, ରୁଆ ର ୩୦ ଦିନରେ ଏକର ପିଛା ୧୫ କି.ଗ୍ରା ଏବଂ ଫସଫରସ (ଡି.ଏ.ପି)ରୁଆର ୧୫ ଦିନପରେ ଏକର ପିଛା ୧୫ କି.ଗ୍ରା, ୩୦ ଦିନ ପରେ ୫୦-୬୫ କି.ଗ୍ରା ।**

ଅଣୁସାର ଓ ଭିଟାମିନ୍ ପରିଚାଳନା – **କଢ ଆସିବା ସମୟରେ ଫଳର ଆକାର ତଥା ଓଜନ ବୃଦ୍ଧି ପାଇଁ ଇସାବିୟାନ୍ ୩୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ।**

ରୋଗପୋକ ଓ ତାର ପ୍ରତିକାର –

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ଶୋଷକ କୀଟ	**ହାଣ୍ଡିଖତ**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏକତାରା	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ	**ଆଗ୍ନେୟାସ୍ତ୍ର**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରଦାଗ, ପତ୍ରପୋଡା	**ମହୁଲାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ସଢା (ନର୍ସରୀ ଅବସ୍ଥା)	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ

ଅମଳ – ରୁଆ ର ୫୦-୬୫ ଦିନ ପରେ କୋବି କଟାଯାଇଥାଏ ।
ଉତ୍ପାଦନ – ଏକର ପିଛା ୧୭୦୦୦-୧୮୦୦୦ ଗୋଟି କୋବି ।

ବନ୍ଧାକୋବି



ବିହନ - **ଅନ୍ନପୂର୍ଣ୍ଣା, ଶତାବ୍ଦୀ, ରେଆର୍ ବଲ୍, ହରେ କୃଷ୍ଣ**

ବିହନ ପରିମାଣ -ଏକର ପିଛା ୧୫୦ ଗ୍ରାମ

ଲଗାଇବା ସମୟ - ଅଗଷ୍ଟ - ସେପ୍ଟେମ୍ବର

ତଳିଘରା ପ୍ରସ୍ତୁତି - ୬ ଇଞ୍ଚ ଉଚ୍ଚତା, ୩ଫୁଟ ଚଉଡା ଏବଂ ୭ ଫୁଟ ଲମ୍ବା ବିଶିଷ୍ଟ ପଟି ପ୍ରସ୍ତୁତ କରନ୍ତୁ । ଗୋଟେ ଆଙ୍ଗୁଳି ବ୍ୟବଧାନରେ ଧାଡି କାଟି ମଞ୍ଜି ପକାନ୍ତୁ ଏବଂ ତାପରେ ଗୁଣ୍ଡ ନଡା/ପାଳ କୁ ପଟି ରେ ସମାନ ଭାବେ ବିଛେଇ ଦିଅନ୍ତୁ ।

ଜମି ପ୍ରସ୍ତୁତି - ୩ ଥର ହଳ କରନ୍ତୁ, ପ୍ରଥମ ହଳର ୭-୮ ଦିନ ପରେ ଗୋବର ଖତ ଏବଂ **ବ୍ଲିଚିଂ ପାଉଡର ମିଶାଇ ଦ୍ୱିତୀୟ ହଳ** ଏବଂ ତାର ୭-୮ ଦିନ ପରେ ମାଟିକୁ ଭଲ ସେ ଗୁଣ୍ଡ କରିବା ପାଇଁ ତୃତୀୟ ହଳ ।

ଦୂରତା - ଗଛକୁ ଗଛ ଏବଂ ଧାଡ଼ି କୁ ଧାଡ଼ି ୧.୫X୧.୫ ଫୁଟ

ଜଳ ପରିଚାଳନା - ଜମିର ବତର ଦେଖିକି ସପ୍ତାହକୁ ୨ ଥର ଜଳ ସେଚନ କରନ୍ତୁ ।

ଖତ ସାର ପରିଚାଳନା - **ରୁଆ ର ୭-୮ ଦିନ ପରେ ଏକର ପିଛା ୧୦ କିଗ୍ରା ଯବକ୍ଷାର (ୟୁରିଆ), ରୁଆର ୩୦ ଦିନ ପରେ ଫସଫରସ (ଡି.ଏ.ପି) ଏକର ପିଛା ୫୦ କି.ଗ୍ରା, ରୁଆ ର ୧୫-୨୦ ଦିନ ପରେ ପଟାସ (ଏମ୍.ଓ.ପି) ଏକର ପିଛା ୩କି.ଗ୍ରା ମାତ୍ରା ରେ ପ୍ରୟୋଗ କରନ୍ତୁ ।**

ଅଣୁସାର ଓ ଭିଟାମିନ୍ ପରିଚାଳନା - **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ ଏବଂ ଫଳ ର ଆକାର ତଥା ଓଜନ ବୃଦ୍ଧି ପାଇଁ ଇସାବିୟାନ୍ ୩୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ । ଅଭାବ ଜନିତ ଲକ୍ଷଣ (ଯେପରି ଫଳ ନ ବଢିବା, ଫଳ ହଳଦିଆ ପଡିବା) ଦେଖାଗଲେ ଏକର ପିଛା ୩କି.ଗ୍ରା ଜିଙ୍କ ସଲଫେଟ୍ ପ୍ରୟୋଗ କରନ୍ତୁ ।**

ରୋଗପୋକ ଓ ତାର ପ୍ରତିକାର -

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ଶୋଷକ କୀଟ	**ହାଣ୍ଡିଖତ**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏକତାରା	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରକଟା, କାଣ୍ଡବିନ୍ଧା ଏବଂ ଫଳବିନ୍ଧା ପୋକ	**ଆଗ୍ନେୟାସ୍ତ୍ର**	**୧୫ ଲିଟର ପାଣିରେ ୪୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଏଭିସେଣ୍ଟ	୧୫ ଲିଟର ପାଣିରେ ୩ଗ୍ରାମ ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ପତ୍ରଦାଗ, ପତ୍ରପୋଡା	**ମହୁଲାସ୍ତ୍ର**	**୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ**
	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ
ସଡା (ନର୍ସରୀ ଅବସ୍ଥା)	ଆମିଷ୍ଟାର୍	୧୫ ଲିଟର ପାଣିରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ

ଅମଳ - ରୁଆ ର ୬୦-୬୫ ଦିନ ପରେ ।

ଉତ୍ପାଦନ - ଏକର ପିଛା ୧୮୫୦୦ କୋବି ।

ପିଆଜ



ବିହନ - **ଆଗ୍ରୀଫାଉଣ୍ଡ ଲାଇଟ୍ ରେଡ (ଶୀତ ଦିନିଆ)**
ଆଗ୍ରୀଫାଉଣ୍ଡ ଡାର୍କ ରେଡ୍ (ବର୍ଷା ଦିନିଆ)

ବିହନ ପରିମାଣ - ଏକର ପିଛା ୪ କିଗ୍ରା

ଲଗାଇବା ସମୟ - ଡିସେମ୍ବର

ଜମି ପ୍ରସ୍ତୁତି - ୩ ରୁ ୪ ଥର ହଳ କରି **ମାଟି କୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ।**

ଦୂରତା - ଧାଡି କୁ ଧାଡି ୧୫ ସେ.ମି, ଗଛ କୁ ଗଛ ୬ ସେ.ମି

ଜଳ ପରିଚାଳନା - ଜମିର ବତର ଦେଖିକି ପ୍ରତି ୨ ସପ୍ତାହ ରେ ଥରେ

ଖତ ସାର ପରିଚାଳନା - **ରୁଆ ର ୪ ଦିନ ପରେ ପାଉଁଶ ପ୍ରୟୋଗ କରନ୍ତୁ,** କୋଡା ଖୋଷା ର ୨-୩ ଦିନ ପରେ ଏକର ପିଛା ୨-୩ କି.ଗ୍ରା ଯବକ୍ଷାର (ୟୁରିଆ), ରୁଆ ବେଳେ ଏକର ପିଛା ୧୦-୧୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ରୁଆ ବେଳେ ୪-୫ କି.ଗ୍ରା ଏକର ପିଛା ପଟାସ (ଏମ୍.ଓ.ପି)।

ରୋଗ ଓ ତାର ପ୍ରତିକାର - **ପତ୍ର ପୋଡା ରୋଗ ହେଲେ ୧୫ ଲିଟର ପାଣିରେ ୩୦ ମି.ଲି ଆମିଷ୍ଟାର ଓପଟି ମିସେଇ ପ୍ରୟୋଗ କରନ୍ତୁ।**

ଅମଳ - ସାଢେ ତିନି ରୁ ଚାରି ମାସ ପରେ ପିଆଜ ଖୋଳି କାଢିଦିଅନ୍ତୁ। ଅମଳ ପରେ ପିଆଜ ଗୁଡିକୁ ଚାରିଦିନ ପର୍ଯ୍ୟନ୍ତ ଛାଇ ଓ କାକରରେ ଶୁଖାଇବା ଉଚିତ୍। ଏହାପରେ ସଂରକ୍ଷଣ କଲେ ପିଆଜ ଜଲ୍‌ଦି ସଢି ନଥାଏ ଏବଂ ବଜାର ଉପଯୋଗୀ ହୋଇଥାଏ। ପିଆଜର ଅଗ୍ର ଭାଗକୁ ଅଳ୍ପ ଲମ୍ବା ରଖି କାଟିବା ଦରକାର।

ଉତ୍ପାଦନ - ଏକର ପିଛା ୯୦-୧୦୦ କ୍ୱିଣ୍ଟାଲ।

ରସୁଣ



କିସମ - ଆଗ୍ରୀଫାଉଣ୍ଡ୍ ହ୍ୱାଇଟ୍

ବିହନ ପରିମାଣ - **ଏକର ପିଛା ୧୮୦-୨୦୦ କିଗ୍ରା ଗୋଟା ରସୁଣ**

ଲଗାଇବା ସମୟ - ନଭେମ୍ବର

ଜମି ପ୍ରସ୍ତୁତି - ୩ରୁ ୪ ଥର ହଳ କରି ମାଟିକୁ ଭଲ ଭାବରେ ଗୁଣ୍ଡ କରି ଜମି ପ୍ରସ୍ତୁତି କରନ୍ତୁ।

ଦୂରତା - **ଧାଡ଼ି କୁ ଧାଡ଼ି ୧୫ ସେ.ମି, ଗଛକୁ ଗଛ ୬ସେ.ମି**

ଜଳ ପରିଚାଳନା - ଜମିର ବତର ଦେଖିକି ପ୍ରତି ୬ ଦିନ ରେ ଥରେ।

ଖତ ସାର ପରିଚାଳନା - **ରୁଆ ର ୪ ଦିନ ପରେ ପାଉଁଶ ପ୍ରୟୋଗ** କରନ୍ତୁ, କୋଡା ଖୋଷା ର ୨-୩ ଦିନ ପରେ ଏକର ପିଛା ୨-୩ କି.ଗ୍ରା ଯବକ୍ଷାର (ୟୁରିଆ), ରୁଆ ବେଳେ ଏକର ପିଛା ୧୦-୧୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ରୁଆ ବେଳେ ୪-୫ କି.ଗ୍ରା ଏକର ପିଛା ପଟାସ (ଏମ୍.ଓ.ପି)।

ରୋଗ ଓ ତାର ପ୍ରତିକାର - **ପତ୍ର ପୋଡା ରୋଗ ହେଲେ ୧୫ ଲିଟର ପାଣିରେ ୩୦ ମି.ଲି ଆମିଷ୍ଟାର ଓପଟି ମିସେଇ ପ୍ରୟୋଗ କରନ୍ତୁ**

ଅମଳ - ସାଢେ ତିନି ରୁ ଚାରି ମାସ ପରେ ରସୁଣ ଖୋଳି କାଢି ଦିଅନ୍ତୁ।

ଉତ୍ପାଦନ - ଏକର ପିଛା ୨୫ କ୍ୱିଣ୍ଟାଲ।

ପୋଟଳ



ବିହନ – ସ୍ୱର୍ଣ୍ଣରେଖା, ସୁରୁଚି

ବିହନ ପରିମାଣ – ଏକର ପିଛା ୭୦୦୦-୮୦୦୦ କନ୍ଦା

(ପ୍ରତି ୧୦୦ ଟି ଗଛ ରେ ୧୦ ଟି ଅଣ୍ଡିରା ଗଛ ରଖନ୍ତୁ)

ଲଗାଇବା ସମୟ – ଜାନୁଆରୀ, ଫେବୃଆରୀ

ଜମି ପ୍ରସ୍ତୁତି ଓ ରୋପଣ – ୪ଫୁଟ ଗଭୀର ଗାତ ଖୋଳନ୍ତୁ, ସେଥିରେ ଅଳଆ ପକେଇ ନିଆଁ ଲଗାନ୍ତୁ, ତା'ପରେ ପଟୁ ମାଟି ସାଙ୍ଗରେ ଖତ ମିଶାଇ ଗାତ ପୂରଣ କରନ୍ତୁ ଆଉ ଗାତକୁ ପାଣିରେ ଫୁଲ କରି ଦିଅନ୍ତୁ । ୫-୬ ଦିନ ପରେ କଟା ଯାଇଥିବା କନ୍ଦା ଗୁଡିକୁ ମାଟିରେ ପୋତି ଦିଅନ୍ତୁ । ଗାତ ପିଛା, ୨ଟି କନ୍ଦା ଆବଶ୍ୟକ ହୋଇଥାଏ ।

ଦୂରତା – ଗଛ କୁ ଗଛ ଧାଡି କୁ ଧାଡି ୪-୫ ଫୁଟ

ଜଳ ପରିଚାଳନା – କନ୍ଦା ପୋତାର ୨-୩ ଦିନ ପରେ ଜଳସେଚନ, ପରବର୍ତ୍ତୀ ସମୟରେ ଜମିର ବତର ଦେଖିକି ଜଳସେଚନ କରନ୍ତୁ ।

ଖତ ସାର ପରିଚାଳନା – ଲଗାଇବା ସମୟରେ ଏକର ପିଛା ୧୬ କି.ଗ୍ରା ଯବକ୍ଷାର (ୟୁରିଆ), ୩୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ୧୬ କି.ଗ୍ରା. ପଟାସ (ଏମ୍.ଓ.ପି) ଦେବାକୁ ପଡେ ।

ଅଣୁସାର ଓ ଭିଟାମିନ୍ ପରିଚାଳନା – ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କୁଆଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ ।

ରୋଗପୋକ ଓ ତାର ପ୍ରତିକାର – କାଙ୍କଡିଆ ପୋକ ଲାଗିଲେ ପ୍ରୋଫେନୋଫସ୍ ୫୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ ପତ୍ରପୋଡା ରୋଗ ପାଇଁ ୪୦ ମି.ଲି କ୍ଲୋରୋଥାଲୋନିଲ୍ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ।

ଉତ୍ପାଦନ – ଏକର ପିଛା ପ୍ରତି ସପ୍ତାହ ୫୦-୬୦ କ୍ୱିଣ୍ଟାଲ ।

କଲରା



ବିହନ – ନବଧାନ (ଭି.ଏନ୍.ଆର), ଲିଟିଲ୍ ଚାମ୍ପ (ସିଂଜେଣ୍ଟା)

ବିହନ ପରିମାଣ – ଏକର ପିଛା ୫୦୦ ଗ୍ରାମ

ଲଗାଇବା ସମୟ ସମୟ – ନଭେମ୍ବର

ଜମି ପ୍ରସ୍ତୁତି – ୨ଥର ହଳ, ପ୍ରଥମ ହଳ ରେ ମାଟି କୁ ଗୁଣ୍ଡ କରାଯାଏ ଏବଂ ଦ୍ୱିତୀୟ ହଳରେ ମାଟିରେ ଖତ ମିଶାଇ ଉପରୋକ୍ତ ନିମ୍ନ ବ୍ୟବଧାନରେ ଗାତ କରାଯାଇଥାଏ ।

ଦୂରତା – ଗଛ କୁ ଗଛ ୪ଫୁଟ, ଧାଡ଼ି କୁ ଧାଡ଼ି ୬ଫୁଟ

ଜଳ ପରିଚାଳନା – ଜମିର ବତର ଦେଖିକି ପ୍ରତି ସପ୍ତାହକୁ ଥରେ ଜମିରେ ପାଣି ଦିଅନ୍ତୁ ।

ଖତ ସାର ପରିଚାଳନା – ଲାଗିଲା ବେଳେ ଏକର ପିଛା ୧୨ କି.ଗ୍ରା. ଯବକ୍ଷାର (ୟୁରିଆ), ୧୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ୧୨ କି.ଗ୍ରା. ପଟାସ (ଏମ୍.ଓ.ପି) ଦରକାର ।

ରୋଗପୋକ ଓ ତାର ପ୍ରତିକାର – ଫଳମାଛି ଲାଗିଲେ ପ୍ରୋଫେନୋଫସ୍ ୫୦ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ ପତ୍ର ଦାଗ ରୋଗ ପାଇଁ ୪୦ ମି.ଲି କ୍ଲୋରୋଥାଲୋନିଲ୍ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ।

ଅମଳ – ଲଗାଇବାର ୪୦-୪୫ ଦିନ ପରେ, ସପ୍ତାହକୁ ଥରେ ଫଳ ତୋଳା ।

ଉତ୍ପାଦନ – ଏକର ପିଛା ୪୫-୫୦ କ୍ୱିଣ୍ଟାଲ ।

କାକୁଡି



ବିହନ – ସୁପ୍ରିୟା (ବାପ୍ନା ସିଡ୍ସ), ଟି.ଏମ.ସି.ଭି ୩୧୦୨ (ତ୍ରିମୂର୍ତ୍ତି ସିଡ୍ସ)

ବିହନ ପରିମାଣ – ଏକର ପିଛା ୨ ଗ୍ରାମ

ଦୂରତା – **ଗଛ କୁ ଗଛ ୧୨୦ ସେ.ମି, ଧାଡ଼ି କୁ ଧାଡ଼ି ୧୨୦ ସେ.ମି**

ସମୟ – ଜୁନ୍ – ଜୁଲାଇ, ଫେବୃୟାରୀ-ମାର୍ଚ୍ଚ

ଜମି ପ୍ରସ୍ତୁତି – ୨ ଥର ହଳ, ପ୍ରଥମ ହଳରେ ମାଟି କୁ ଗୁଣ୍ଡ କରାଯାଏ ଏବଂ ଦ୍ୱିତୀୟ ହଳରେ ମାଟିରେ ଖତ ମିଶାଇ ଉପରୋକ୍ତ ବ୍ୟବଧାନ ରେ ଗାତ କରାଯାଇଥାଏ।

ଜଳ ପରିଚାଳନା – ଜମିର ବତର ଦେଖିକି ଜଳସେଚନ କରନ୍ତୁସପ୍ତାହକୁ ଥରେ।

ରୋଗ ଓ ତାର ପ୍ରତିକାର – **ପତ୍ର ପୋଡା, ପାଉଁଶିଆ ରୋଗ ହେଲେ ୧୫ ଲିଟର ପାଣିରେ ୩୦ ମି.ଲି ଆମିଷ୍ଟାର ଓପ୍ଟି** ମିଶାଇ ସ୍ପ୍ରେ କରନ୍ତୁ।

ଉତ୍ପାଦନ – ଏକର ପିଛା ୪୫-୫୦ କ୍ୱିଣ୍ଟାଲ।

ତରଭୁଜ

ବିହନ କିସମ – ବ୍ଲାକ୍ ମ୍ୟାଜୀକ୍ (ସେମିନିସ୍), ମାୟା (ଏସ୍.ଏସ୍.ପି.ଏଲ୍), ଅଗଷ୍ଟା (ସିଂଜେଣ୍ଟା) କିରଣ (ନୋନ୍ ୟୁ)

ଲଗାଇବା ସମୟ – ଜାନୁଆରୀ – ଫେବୃୟାରୀ

ମାଟିର ପ୍ରକାର – ପାଣି ଜମୁନଥିବା ନିଗିଡା ବାଲିଆ ଦୋରସା ମାଟି

ବିହନ ପରିମାଣ –ଏକର ପିଛା ୪୦୦ ଗ୍ରାମ

ଲଗାଇବା ଦୂରତା – **ଧାଡି କୁ ଧାଡି ୧୨୦ ସେ.ମି, ଗଛ କୁ ଗଛ ୧୨୦ ସେ.ମି**

ସାର ପରିଚାଳନା – **ଲଗାଇବା ବେଳେ ଏକର ପିଛା ୧୨ କି.ଗ୍ରା ଯବକ୍ଷାର (ୟୁରିଆ), ୧୨ କି.ଗ୍ରା ଫସଫରସ (ଡି.ଏ.ପି) ଓ ୪୦ କି.ଗ୍ରା ପଟାସ (ଏମ୍.ଓ.ପି) ଦରକାର।**

ଜଳ ପପରିଚାଳନା – ମାଟିର ବତର ଦେଖିକି ପ୍ରତି ୩ ଦିନ ବ୍ୟବଧାନରେ ଜଳସେଚନ କରନ୍ତୁ।

ରୋଗ ପୋକ ପରିଚାଳନା – **ପାଉଁଶିଆ ରୋଗ ହେଲେ ୧୫ ଲିଟର ପାଣିରେ ୨୫ ମି.ଲି ପ୍ରୋପିକୋନାଜୋଲ୍ ଓ କାଙ୍କଡିଆ ପୋକ ଲାଗିଲେ ୧୫ ଲିଟର ପାଣିରେ ୭୫ ମି.ଲି ସ୍ପିନୋସାଡ୍ ଔଷଧ ମିଶେଇ ସ୍ପ୍ରେ କରନ୍ତୁ।**

ଅଣୁସାର ଓ ଭିଟାମିନ୍ ପରିଚାଳନା – **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ।**

ଉତ୍ପାଦନ – ଏକର ପିଛା ୮୦ ରୁ ୧୦୦ କ୍ୱିଣ୍ଟାଲ।



ଝୁଡୁଙ୍ଗ



ବିହନ - **ଅନ୍ନପୂର୍ଣ୍ଣା କିଷାନ, କାଶି କାଞ୍ଚନ**
ପରିମାଣ - ୧ରୁ ୧.୫ କି.ଗ୍ରା ଏକର ପିଛା
ଲଗାଇବା ସମୟ - ଜୁନ୍-ଜୁଲାଇ, ଜାନୁଆରୀ
ଜମି ପ୍ରସ୍ତୁତି - ୩-୪ ଥର ହଳ, ପ୍ରଥମ ହଳର ୮ ଦିନ ପରେ ଦ୍ୱିତୀୟ ହଳ, ୪ ଇଞ୍ଚ ଗଭୀର ବିଶିଷ୍ଟ ଗାତ ଖୋଳି ସେଥିରେ ଖତ, ସାର ମିଶାଇ ଗାତ ପିଛା ୩-୪ ଟା ମଞ୍ଜି
ଦୂରତା - **ଧାଡି କୁ ଧାଡି ୩-୩.୫ ଫୁଟ, ଗଛ କୁ ଗଛ ୨-୨.୫ ଫୁଟ**
ଜଳ ପରିଚାଳନା- ମାଟିର ବତର ଦେଖିକି ୬-୭ ଦିନକୁ ଥରେ
ଖତ ସାର ପରିଚାଳନା - ବୁଣିବା ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ୧୦ କି.ଗ୍ରା ପଟାସ (ଏମ୍.ଓ.ପି) ଦରକାର।
ଅଣୁସାର ଓ ଭିଟାମିନ୍ ପରିଚାଳନା - **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ।**
ରୋଗ ପୋକ ଓ ତାର ପ୍ରତିକାର - ଜଉ ପୋକ ଲାଗିଲେ **୭ ମି.ଲି ଇମିଡାକ୍ଲୋପ୍ରିଡ କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ ଏବଂ କଳଙ୍କି ରୋଗ କବଳରୁ ରକ୍ଷାପାଇବା ପାଇଁ ୧ କି.ଗ୍ରା କ୍ରିସ୍ଲଫ୍ ଗୁଣ୍ଡ ର ପ୍ରୟୋଗ କରନ୍ତୁ।**
ଅମଳ ଓ ପରବର୍ତ୍ତୀ ଯତ୍ନ - ୪୫ ଦିନ ପରେ, ପ୍ରତି ୧-୨ ଦିନ ବ୍ୟବଧାନରେ ଫଳତୋଳନ୍ତୁ।
ଅମଳ ଓ ଉତ୍ପାଦନ - ଏକର ପିଛା ୪୫ କ୍ୱିଣ୍ଟାଲ।

ବିନ୍ସ



ବିହନ - ସେଭିଲ୍ (ସିଂଜେଣ୍ଟା), କୋଣାର୍କ (ୟୁନିସେମ୍)
ବିହନ ପରିମାଣ - ୪ ରୁ ୫ କି.ଗ୍ରା ଏକର ପିଛା
ଲଗାଇବା ସମୟ - ଅକ୍ଟୋବର ଶେଷ କିମ୍ବା ନଭେମ୍ବର ଆରମ୍ଭ
ଦୂରତା - **ଧାଡ଼ି କୁ ଧାଡ଼ି ୩, ଗଛ କୁ ଗଛ ୨ ଫୁଟ**
ଜଳ ପରିଚାଳନା- ମାଟିର ବତର ଦେଖିକି ୬-୭ ଦିନକୁ ଥରେ
ଜମି ପ୍ରସ୍ତୁତି - ୩ ଥର ହଳ, ପ୍ରଥମ ହଳର ୮ ଦିନ ପରେ ଦ୍ୱିତୀୟ ହଳ, ୪ ଇଞ୍ଚ ଗଭୀର ବିଶିଷ୍ଟ ଗାତ ଖୋଳି ସେଥିରେ ଖତ, ସାର ମିଶାଇ ଗାତ ପିଛା ୩-୪ ଟା ମଞ୍ଜି।
ଖତ - ବୁଣିବା ପୂର୍ବରୁ ଗାତରେ ପକାଯାଏ, ଏକର ପିଛା ୨ ଟ୍ରିପ୍।
ସାର ପରିଚାଳନା - ବୁଣିବା ସମୟରେ ଏକର ପିଛା ୧୦ କି.ଗ୍ରା ଯବକ୍ଷାର (ୟୁରିଆ), ୨୦ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ୧୦ କି.ଗ୍ରା ପଟାସ୍ (ଏମ୍.ଓ.ପି) ଦରକାର।
ରୋଗ ପୋକ - ପତ୍ର ହଳଦିଆ, ଝାଉଁଳା, ପତ୍ର କଟା ପୋକ, ସାପୁଆ, ଜଉ ପୋକ ସମସ୍ୟା ସୃଷ୍ଟି ହେଲେ ଫୋଲିଓ ଗୋଲଡ୍ (୧୫ ଲିଟର ପାଣି ରେ ୩୦ ମି.ଲି) ଏବଂ ଏଭି ସେଣ୍ଟ (୧୫ ଲିଟର ପାଣିରେ ୩ ଗ୍ରାମ) ବ୍ୟବହାର କରନ୍ତୁ।
ଅଣୁସାର ଓ ଭିଟାମିନ୍ ପରିଚାଳନା - **ଫୁଲ ସଂଖ୍ୟା ବୃଦ୍ଧି ପାଇଁ ଫୁଲ ଆସିବା ସମୟରେ ୧୫ ଲିଟର ପାଣିରେ ୪୦ ମି.ଲି କ୍ୱାଣ୍ଟିସ୍ ମିଶେଇ ପ୍ରୟୋଗ କରନ୍ତୁ।**
ଜଳ ପରିଚାଳନା - ମାଟିର ବତର ଦେଖିକି ୮-୧୦ ଦିନ କୁ ଥରେ।
ଉତ୍ପାଦନ - ବୁଣାର ୬୦ ଦିନ ପରେ, ସପ୍ତାହ କୁ ୨ଥର, ଏକର ପିଛା ୨୫ କ୍ୱିଣ୍ଟାଲ।

ହରଡ



ବିହନ – ମୁକ୍ତା, ପ୍ରଗତି, ମହକ୍
ବିହନ ପରିମାଣ – ଏକର ପିଛା ୪ କି.ଗ୍ରା
ଲଗାଇବା ସମୟ – ସେପ୍ଟେମ୍ବର
ଜମି ପ୍ରସ୍ତୁତି – ୨-୩ ଥର ହଳ, ଶେଷ ହଳ ବେଳକୁ ଧାଡି କରି ଗାତ ପିଛା ୩-୪ ମଞ୍ଜି ପକେଇ ପକେଇ ଚାଲନ୍ତୁ।
ଦୂରତା – ଉଭୟ ଗଛ କୁ ଗଛ ଏବଂ ଧାଡି କୁ ଧାଡି ୧.୫ ଫୁଟ୍
ଖତ ସାର ପରିଚାଳନା – ବୁଣିବା ସମୟରେ ଏକର ପିଛା ଫସଫରସ (ଡି.ଏ.ପି) ୪ କି.ଗ୍ରା ଏବଂ ୪ କି.ଗ୍ରା ପଟାସ (ଏମ୍.ଓ.ପି) ଦିଅନ୍ତୁ।
ରୋଗ ପୋକ ଓ ତାର ପ୍ରତିକାର – ଛୁଇଁ ବିନ୍ଧା ଲାଗିଲେ ୧୫ ଲିଟର ପାଣିରେ ୬ମି.ଲି. ଇମିଡାକ୍ଲୋପ୍ରିଡ୍ ମିସେଇ ସ୍ପ୍ରେ କରନ୍ତୁ।
ଅମଳ – ଫେବୃୟାରୀ ଶେଷ ବା ମାର୍ଚ୍ଚ ଆରମ୍ଭ ରେ ଅମଳ ହୁଏ।
ଉତ୍ପାଦନ – ଏକର ପିଛା ୭ କ୍ୱିଣ୍ଟାଲ।

ବିରି



ବିହନ – ବମ୍ବେ ୬୬
ବିହନ ପରିମାଣ – ଏକର ପିଛା ୧୪ କି.ଗ୍ରା
ଲଗାଇବା ସମୟ – ଜୁଲାଇ
ଜମି ପ୍ରସ୍ତୁତି – ୩ ରୁ ୪ ଥର ହଳ, ପ୍ରଥମ ହଳର ୧୫-୨୦ ଦିନ ପରେ ଦ୍ୱିତୀୟ ହଳ ଏବଂ ଦ୍ୱିତୀୟ ହଳର ୪-୫ ଦିନ ପରେ ତୃତୀୟ ହଳ ଏବଂ ଧାଡି କଟା।
ଖତ ସାର ପରିଚାଳନା – ଏକର ପିଛା ୧୦-୧୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ପଟାସ (ଏମ୍.ଓ.ପି) ମଞ୍ଜି ବୁଣା ପୂର୍ବରୁ ପ୍ରୟୋଗ କରନ୍ତୁ।
ରୋଗ ଓ ତାର ପ୍ରତିକାର – ପତ୍ର ଧଳା ହୋଇ ଜାଲି ପଡିଲେ ଆମିଷ୍ଟାର ୧୫ ମି.ଲି କୁ ୧୫ ଲିଟର ପାଣିରେ ମିଶେଇ ପ୍ରୟୋଗ କରନ୍ତୁ।
ଅମଳ ଓ ଅମଳ ପରବର୍ତ୍ତୀ ଯତ୍ନ – ବୁଣା ର ୭୦-୭୫ ଦିନ ପରେ ଅମଳ କରାଯାଏ।
ଉତ୍ପାଦନ – ଏକର ପିଛା ଅମଳ ୧୨୦-୧୫୦ କି.ଗ୍ରା।

ମୁଗ



ବିହନ – ପୁଷା ବୈଶାଖୀ
ପରିମାଣ – ଏକର ପିଛା ୬.୫-୭ କି.ଗ୍ରା
ସମୟ – ଜୁଲାଇ
ଜମି ପ୍ରସ୍ତୁତି – ୩ ରୁ ୪ ଥର ହଳ, ପ୍ରଥମ ହଳର ୧୫-୨୦ ଦିନ ପରେ ଦ୍ୱିତୀୟ ହଳ ଏବଂ ଦ୍ୱିତୀୟ ହଳର ୪-୫ ଦିନ ପରେ ତୃତୀୟ ହଳ ଏବଂ ଧାଡ଼ି କଟା
ଖତ ସାର ପରିଚାଳନା – ଏକର ପିଛା ୧୦-୧୨ କି.ଗ୍ରା ଫସଫରସ (ଡି.ଏ.ପି) ଏବଂ ପଟାସ (ଏମ୍.ଓ.ପି) ମଞ୍ଜି ବୁଣା ପୂର୍ବରୁ ପ୍ରୟୋଗ କରନ୍ତୁ।
ରୋଗ ପୋକ ଓ ତାର ପ୍ରତିକାର – ଜଉ ପୋକ ଦେଖା ଗଲେ ୫ ଗ୍ରାମ ବିଶିଷ୍ଟ ଏକତାରା ଗୋଟେ ଛୋଟ ପ୍ୟାକେଟ୍ କୁ ୧୫ ଲିଟର ପାଣିରେ ମିସେଇ ପ୍ରୟୋଗ କରନ୍ତୁ।
ଅମଳ – ବୁଣା ଓ ୭୦-୭୫ ଦିନ ପରେ ଅମଳ କରାଯାଏ। ବଡ଼ ଗଛ କୁ କରାଯାଏ ଏବଂ ଛୋଟ ଗଛ କୁ ଉପାଡି ଦିଆଯାଏ।
ଉତ୍ପାଦନ – ୧୦୦-୧୨୦ କି.ଗ୍ରା।

ଚିନାବାଦାମ



ବିହନ – ଅମରାବତୀ, ଦେବୀ, କାଦ୍ରୀ – ୩

ବିହନ ପରିମାଣ – ଏକର ପିଛା ୪୫ କି.ଗ୍ରା ମଞ୍ଜି ବା ୬୫ କି.ଗ୍ରା ଗୋଟା ବାଦାମ

ଲଗାଇବା ସମୟ – ୧. ବର୍ଷା ଦିନେ (ଜୁନ୍, ସେପ୍ଟେମ୍ବର – ଅକ୍ଟୋବର)

୨. ଶୀତ ଦିନେ (ଜାନୁଆରୀ – ଫେବୃଆରୀ)

ଜମି ପ୍ରସ୍ତୁତି – ୫ ରୁ ୬ ଥର ହଳ କରି ଗୁଣ୍ଡ ଚାଷ କରନ୍ତୁ ।

ଦୂରତା – ଧାଡି କୁ ଧାଡି ୮ ଇଞ୍ଚ, ଗଛକୁ ଗଛ ୬ ଇଞ୍ଚ

ଖତ ସାର ପରିଚାଳନା – ହଳ କଲା ବେଳେ ଏକର ପିଛା ୩ଟ୍ରିପ୍ ଗୋବର ଖତ ମିଶାନ୍ତୁ ।

ବୁଣିବା ବେଳେ ଏକର ପିଛା ୮ କି.ଗ୍ରା ଯବକ୍ଷାର (ୟୁରିଆ), ୧୬ କି.ଗ୍ରା ଫସଫରସ (ଡି.ଏ.ପି), ୧୬ କି.ଗ୍ରା ପଟାସ (ଏମ୍.ଓ.ପି) ଦରକାର । ବୁଣିବାର ୨୦-୨୨ ଦିନ ପରେ ଏକର ପିଛା ୯୦ କି.ଗ୍ରା ଜିପସମ୍ ପ୍ରୟୋଗ କରନ୍ତୁ ।

ସମସ୍ୟା ଏବଂ ତାର ଲକ୍ଷଣ	ଔଷଧର ନାମ	ମାତ୍ରା ଓ ପ୍ରୟୋଗ ବିଧି
ପତ୍ର ହଳଦିଆ ପଡିବା, ପତ୍ରରେ କଳା ଦାଗ ହୋଇ ଝଡିପଡିବା	ଆମିଷ୍ଟାର/ମିରୋଡାର	୧୫ ଲିଟର ପାଣି ରେ ୧୫ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
	ମହୁଲାସ୍ତ୍ର	୧୫ ଲିଟର ପାଣିରେ ୨୫୦ ମି.ଲି ଔଷଧ ମିଶାଇ ସ୍ପ୍ରେ କରନ୍ତୁ ।
ଉଇ, ପିମ୍ପୁଡି	କ୍ଲୋରୋପାଇରିଫସ୍ ଗୁଣ୍ଡ	ଏକର ପିଛା ୧୦ କି.ଗ୍ରା ବୁଣିବା ପୂର୍ବରୁ ମାଟି ସହ ମିଶ୍ରଣ ।

ଅମଳ – ଗଛ ଗୁଡିକୁ ହାତରେ ଉପାଡି ବାଦାମ୍ ଗୁଡିକୁ ଅଲଗା କରି ଟାଣ ଖରାରେ ଶୁଖାନ୍ତୁ ।

ଉତ୍ପାଦନ – ଏକର ପିଛା – ୧୦-୧୫ କ୍ୱିଣ୍ଟାଲ ।



ପନିପରିବା ଫସଲରେ ଘାସ ପରିଚାଳନା

- **ଘାସ ଉଠିବା ପୂର୍ବରୁ** – ବୁଣା ଜାତୀୟ ଫସଲରେ ମଞ୍ଜି ବୁଣାର ୩-୫ ଦିନ ମଧ୍ୟରେ ଏବଂ ରୁଆ ଜାତୀୟ ଫସଲରେ ରୋଇବାର ପରଦିନ ଏକର ପିଛା ୧ ଲି. ପେଣ୍ଡିମେଥାଲିନ୍ (୧ ଲି. ପାଣିରେ ୫ ମି.ଲି. ଔଷଧ) କୁ ମାଟିରେ ସ୍ପ୍ରେ କରନ୍ତୁ ।
- **ଘାସ ଉଠିବା ପରେ** – ମଞ୍ଜି ବୁଣା କିମ୍ବା ରୁଆର ୧୫-୨୦ ଦିନ ପରେ, ଯେବେ ସରୁ ପତ୍ରିଆ ଘାସ ୨ ରୁ ୩ ପତ୍ର ଅବସ୍ଥାରେ ଥାଏ ସେବେ କୁଇଜାଲଫପ୍ ଇଥାଇଲ ୨ମି.ଲି ପ୍ରତି ଲିଟର ପାଣିରେ ମିଶାଇ ଘାସ ଉପରେ ସିଞ୍ଚନ କରନ୍ତୁ ।
- ଔଷଧ ପକାଇବାର ୨୦-୨୫ ଦିନ ଏବଂ ୪୦-୪୫ ଦିନ ପରେ କୋଡାଖୋସା ଏବଂ ହାତବଛା କରନ୍ତୁ ।
- ବଡ ଏବଂ ଚଉଡା ପତ୍ର ଘାସ ଗଛ ଗୁଡିକୁ ହାତରେ ଉପାଡି ଦେବା ଉଚିତ୍ ।

ବିଶେଷ ଦ୍ରଷ୍ଟବ୍ୟ

- ଅଧିକ ଅମଳ ଓ ଲାଭବାନ୍ ହେବାପାଇଁ କଲରା, ପୋଟଳ ପରି ଲତା ଜାତୀୟ ଫସଲକୁ ଟ୍ରେଲିସ୍ ବା ମଞ୍ଚା ପଦ୍ଧତିରେ ଚାଷ କରନ୍ତୁ ।
- ଦେଶୀ କିସମର ବିହନ ବ୍ୟବହାର କରୁଥିଲେ ମଞ୍ଜି ବୁଣିବା ଆଗରୁ ତାକୁ ୧ କି.ଗ୍ରା ମଞ୍ଜି ପିଛା ୩ ଗ୍ରାମ ଥିରାମ୍ ବା କ୍ୟାପଟନ୍ ସହ ମିଶେଇ ମଞ୍ଜି ବିଶୋଧନ କରନ୍ତୁ ।
- ମଞ୍ଜି ର ଅଙ୍କୁରୋଦଗମ ଶକ୍ତି ବଢେଇବା ପାଇଁ ବୁଣିବା ପୂର୍ବରୁ ତାକୁ ଉଷୁମ ପାଣିରେ ଭିଜାଇ ରଖନ୍ତୁ କିମ୍ବା ଓଦା କପଡାରେ ବାନ୍ଧି ୧୨ ଘଣ୍ଟା ରଖନ୍ତୁ ।
- ଜୈବିକ ସାର ତଥା - ଜିଆଖତ, ଗୋବରଖତ, ସବୁଜସାର, ନିମ୍ବପିଡିଆ ଇତ୍ୟାଦିର ଚାଷରେ ବ୍ୟବହାର କଲେ ଅଧିକ ଅମଳ ହୋଇଥାଏ ଏବଂ ଚାଷରେ ଖର୍ଚ୍ଚକମ ହୁଏ ।
- ଜୈବିକ ପଦ୍ଧତି (ନିମାସ୍ତ୍ର, ଆଗ୍ନେୟାସ୍ତ୍ର, ମହୁଲାସ୍ତ୍ର, ନିମ୍ବତେଲ) ଚାଷରେ ବ୍ୟବହାର କଲେ ମାଟିର ଗୁଣବତ୍ତା ବୃଦ୍ଧି ହେବା ସହ ରୋଗପୋକ କମ ହୋଇଥାଏ ।
- ଝାଉଁଳା ରୋଗ ଦେଖାଗଲେ ଆକ୍ରାନ୍ତିତ ଗଛ କୁ ଉପାଡି ଦୂରରେ ଫୋପାଡିଦିଅନ୍ତୁ ।
- ରସାୟନିକ ଔଷଧ ପ୍ରୟୋଗ କଲା ସମୟରେ ସେଥିରେ ଅଠା ମିଶାନ୍ତୁ ।
- ଫଳପଦ୍ର କିଟ ନିୟନ୍ତ୍ରଣ ପାଇଁ ଏକର ପିଛା ୮ଟି ହଳଦିଆ ଅଠା ଯନ୍ତା (ଶୋଷକ ପୋକ ପାଇଁ), ୧୦ଟି ଆଲୋକ ଏବଂ ସଙ୍ଗଆକର୍ଷକ ଯନ୍ତା (ପ୍ରଜାପତି ଏବଂ ସନ୍ଧାଳୁଆ ପ୍ରଜାତି ର ପୋକ ପାଇଁ) ସ୍ଥାପନ କରନ୍ତୁ ।
- ପନିପରିବା ଚାଷ ସହିତ ମହୁମାଛି ପାଳନ କଲେ ଫସଲର ପରାଗ ସଙ୍ଗମ ଭଲ ହେବା ସହ ଅଧିକ ଅମଳ ମିଳିଥାଏ ।
- ଚିନା ବାଦାମ ସହିତ ହରଡ କିମ୍ବା ହରଡ ସହିତ ମୁଗ / ବିରି କୁ ଅନ୍ତଃ ଫସଲ ଭାବରେ ଚାଷ କଲେ ଅଧିକ ଲାଭ ମିଳିଥାଏ ।
- ବାଇଗଣ, ଟମାଟୋ ଇତ୍ୟାଦି ଫସଲ ସହିତ ଗେଣ୍ଡୁଫୁଲ ଚାଷ କଲେ ଶତ୍ରୁକୀଟ ମାନେ ଗେଣ୍ଡୁ ଫୁଲ ପ୍ରତି ଆକର୍ଷିତ ହୋଇଥାନ୍ତି ଓ ମୁଖ୍ୟ ଫସଲରେ କମ୍ କ୍ଷତି ଘଟିଥାଏ ।



Our Partner NGOs

SEWA

SEWAK

Shristi
Let's Create....

SIDI
Sambalpur Integrated Development Institute

ycda
Youth Council for Development Alternatives

ସୌଜନ୍ୟ - ଜିଲ୍ଲା ପ୍ରଶାସନ
ଅନୁଗୋଳ

Angul

ସୌଜନ୍ୟ - ଜିଲ୍ଲା ଖଣିଜ ପ୍ରତିଷ୍ଠାନ
ଅନୁଗୋଳ

ପ୍ରଦାନ Pradan

ବୈଷୟିକ ସହାୟତା - ପ୍ରଦାନ
ଭୁବନେଶ୍ୱର